ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

* * * * *

# ବିଜ୍ଞାପନ

## ୩୧ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ଦରଖାସ୍ତ ଆହ୍ୱାନ

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୧ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା ୨୦-୦୨-୨୦୨୧ ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ଉଭୟ DVD Format ଏବଂ Pendrive ରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD/ CD/Pendrive ଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍ ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଚଳଚ୍ଚିତ୍ର ଧାରାବାହିକ DVD/ CD/Pendrive ସହିତ ଟେଲି ଚଳଚ୍ଚିତ୍ର ପାଇଁ ଦାଖଲ କରାଯାଇଥିବା Censor Certificate ର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୁତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୯ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍ ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳ ନାୟକ/ଖଳ ନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD/ Pendrive ମଧ୍ୟ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

ଉପରୋକ୍ତ ୩୧ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.in ରେ ଉପଲବ୍ଧ ଅଛି ।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ଗୁଡ଼ିକ ୨୦୧୯ ବର୍ଷ (ତା ୦୧-୦୧-୨୦୧୯ ରିଖ ଠାରୁ ତା ୩୧-୧୨-୨୦୧୯ ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକ ଗୁଡ଼ିକ ୨୦୧୯ ବର୍ଷ (ତା ୦୧-୦୧-୨୦୧୯ ରିଖ ଠାରୁ ତା ୩୧-୧୨-୨୦୧୯ ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍ ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।

୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇ ପାରିବ ।

*(ପ.ପୃ.ଦେ.)*

୩. କିନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।

୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/- ଙ୍କା (ଅଣଫେରସ୍ତ), ଟେଲି ଧାରାବାହିକ / ଚଳଚ୍ଚିତ୍ର ପାଇଁ ଟ.୩,୦୦୦/- ଙ୍କା (ଅଣଫେରସ୍ତ)ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/- ଙ୍କା (ଅଣଫେରସ୍ତ) ବ୍ୟାଙ୍କ୍ ଡ୍ରାଫ୍ଟ Director, Odia Language, Literature & Culture, Odisha, Bhubaneswar ଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।

୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ : ୨୦-୦୨-୨୦୨୧

୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।

୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪ ।

# ଦୂରଦର୍ଶନରେ ବିଜ୍ଞାପନର ବିଷୟବସ୍ତୁ

୩୧ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନପତ୍ର ଓ ଆନୁଷଙ୍ଗିକ କାଗଜାତ ଇତ୍ୟାଦି ଆସନ୍ତା ତା ୨୦-୦୨-୨୦୨୧ ରିଖ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରାଯାଇ ପାରିବ । ସବିଶେଷ ବିବରଣୀ ପାଇଁ ବିଭାଗର ୱେବ୍‌ସାଇଟ୍- www.odishaculture.gov.in ପରିଦର୍ଶନ କରନ୍ତୁ ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪ ।

## ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ମନୋନୟନ ପତ୍ର

| କ୍ର.ସଂ. | ମନୋନୟନ | ନାମ, ଠିକଣା ଓ ଫୋନ ନଂ. |
|---|---|---|
| ୧. | ଧାରାବାହିକ / ଟେଲି ଚଳଚ୍ଚିତ୍ର: | |
| | (କ) ପ୍ରଯୋଜକ | |
| | (ଖ) ନିର୍ଦ୍ଦେଶକ | |
| ୨. | ଭାଷା: ଓଡ଼ିଆ / ଆଦିବାସୀ (ଆଦିବାସୀ ହୋଇଥିଲେ ଭାଷାର ନାମ ଉଲ୍ଲେଖ କରନ୍ତୁ) | |
| ୩. | ଟେଲି ଚଳଚ୍ଚିତ୍ରର ବିଭାଗ (ଶିକ୍ଷାଭିତ୍ତିକ / ଶିଶୁ ସମ୍ବନ୍ଧିତ) | |
| ୪. | ମୁଖ୍ୟ ଅଭିନେତା / | |
| | ଅଭିନୀତ ଚରିତ୍ରର ନାମ | |
| ୫. | ମୁଖ୍ୟ ଅଭିନେତ୍ରୀ / | |
| | ଅଭିନୀତ ଚରିତ୍ରର ନାମ | |
| ୬. | ପାର୍ଶ୍ୱ ଅଭିନେତା / | |
| | ଅଭିନୀତ ଚରିତ୍ରର ନାମ | |
| ୭. | ପାର୍ଶ୍ୱ ଅଭିନେତ୍ରୀ / | |
| | ଅଭିନୀତ ଚରିତ୍ରର ନାମ | |
| ୮. | ଖଳ ଅଭିନେତା / | |
| | ଅଭିନୀତ ଚରିତ୍ରର ନାମ | |
| ୯. | ଖଳ ଅଭିନେତ୍ରୀ / | |
| | ଅଭିନୀତ ଚରିତ୍ରର ନାମ | |
| ୧୦. | ହାସ୍ୟ କଳାକାର / | |
| | ଅଭିନୀତ ଚରିତ୍ରର ନାମ | |
| ୧୧. | ଶିଶୁ କଳାକାର / | |
| | ଅଭିନୀତ ଚରିତ୍ରର ନାମ | |
| ୧୨. | କାହାଣୀକାର | |
| ୧୩. | ସଂଳାପ ଲେଖକ | |
| ୧୪. | ଚିତ୍ରନାଟ୍ୟ ଲେଖକ | |
| ୧୫. | ସଂପାଦନା | |
| ୧୬. | ଚିତ୍ରଗ୍ରହଣ | |
| ୧୭. | ଶବ୍ଦ ଗ୍ରହଣ | |

ଉପରୋକ୍ତ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ ଏବଂ କୌଣସି ପରିସ୍ଥିତିରେ ଏହାର ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଯଦି ତଥ୍ୟ ଭ୍ରମାତ୍ମକ ବୋଲି ପ୍ରମାଣିତ ହୁଏ ତେବେ ଟେଲି ଧାରାବାହିକ / ଚଳଚ୍ଚିତ୍ରକୁ ମନୋନୟନ ପ୍ରକ୍ରିୟାରୁ ବାଦ ଦିଆଯିବ।

ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ :

ତାରିଖ :

# ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର–୨୦୧୯ ପାଇଁ ମନୋନୟନ ପତ୍ର

| କ୍ର.ସଂ. | ମନୋନୟନ | ନାମ/ଫୋନ୍ ନଂ. |
|---|---|---|
| ୧. | ଚଳଚ୍ଚିତ୍ର | |
| ୨. | ଚଳଚ୍ଚିତ୍ରର ବିଭାଗ (ପୂର୍ଣ୍ଣାଙ୍ଗ / ପ୍ରାମାଣିକ) | |
| ୩. | ଭାଷା: ଓଡ଼ିଆ/ଆଦିବାସୀ (ଆଦିବାସୀ ହୋଇଥିଲେ ଭାଷାର ନାମ ଉଲ୍ଲେଖ କରନ୍ତୁ) | |
| ୪. | ବ୍ୟାନର ଓ ପ୍ରଯୋଜକ | |
| ୫. | ନିର୍ଦ୍ଦେଶକ | |
| ୬. | ମୁଖ୍ୟ ଅଭିନେତା / | |
| | ଅଭିନୀତ ଚରିତ୍ରର ନାମ | |
| ୭. | ମୁଖ୍ୟ ଅଭିନେତ୍ରୀ / | |
| | ଅଭିନୀତ ଚରିତ୍ରର ନାମ | |
| ୮. | ପାର୍ଶ୍ୱ ଅଭିନେତା / | |
| | ଅଭିନୀତ ଚରିତ୍ରର ନାମ | |
| ୯. | ପାର୍ଶ୍ୱ ଅଭିନେତ୍ରୀ / | |
| | ଅଭିନୀତ ଚରିତ୍ରର ନାମ | |
| ୧୦. | ହାସ୍ୟ କଳାକାର / | |
| | ଅଭିନୀତ ଚରିତ୍ରର ନାମ | |
| ୧୧. | ଶିଶୁ ଅଭିନେତା /<br>ଅଭିନୀତ ଚରିତ୍ରର ନାମ | |
| ୧୨. | ସଙ୍ଗୀତ ନିର୍ଦ୍ଦେଶକ | |
| ୧୩. | ଗୀତିକାର (ଗୀତର ପ୍ରଥମ ଧାଡ଼ି ଏବଂ ଗୀତିକାରଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୪. | ପ୍ରଚ୍ଛଦପଟ ଗାୟକ(ଗୀତର ପ୍ରଥମ ଧାଡ଼ି ଏବଂ ଗାୟକଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୫. | ପ୍ରଚ୍ଛଦପଟ ଗାୟିକା (ଗୀତର ପ୍ରଥମ ଧାଡ଼ି ଏବଂ ଗାୟିକାଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୬. | ସଂପାଦନା | |
| ୧୭. | ଚିତ୍ରଗ୍ରହଣ | |
| ୧୮. | ଚିତ୍ରନାଟ୍ୟ | |
| ୧୯. | କଳା ନିର୍ଦ୍ଦେଶକ | |
| ୨୦. | ଶବ୍ଦ ଗ୍ରହଣକାରୀ | |
| ୨୧. | କାହାଣୀ | |
| ୨୨. | ସଂଳାପ ଲେଖକ | |
| ୨୩. | ବେଶ ପୋଷାକ ସଜ୍ଜାକାରୀ | |
| ୨୪. | ରୂପସଜ୍ଜାକାରୀ | |
| ୨୫. | ନୃତ୍ୟ ସଂଯୋଜନା (ଯୁଗ୍ମ ବା ତତୋଧିକ ସଂଯୋଜକ ଥିଲେ ନୃତ୍ୟ ଦୃଶ୍ୟ ନାମ ସହ ତାଲିକା ପ୍ରଦାନ କରାଯିବ) | |

ଉପରୋକ୍ତ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ ଏବଂ କୌଣସି ପରିସ୍ଥିତିରେ ଏହାର ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଯଦି ତଥ୍ୟ ଭ୍ରମାତ୍ମକ ବୋଲି ପ୍ରମାଣିତ ହୁଏ ତେବେ ଟେଲି ଧାରାବାହିକ / ଚଳଚ୍ଚିତ୍ରକୁ ମନୋନୟନ ପ୍ରକ୍ରିୟାରୁ ବାଦ ଦିଆଯିବ ।

ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ :

ତାରିଖ :

GOVERNMENT OF ODISHA
ODIA LANGUAGE, LITERATURE & CULTURE DEPARTMENT
* * * * *

No. 368 /OLLCD, Date –20.01.2021
**(Film-01/2021)**

From,

Sri Ranjan Kumar Das, IAS,
Director & Additional Secretary to Govt.

To

The Director,
Information & Public Relation Department,
Odisha, Bhubaneswar.

**Sub.:-Publication of the advertisement for invitation of applications with DVD/Pen drive for 31st State Film Award – 2019 and 8th State Tele Award-2019.**

Sir,

In inviting a reference to the subject cited above, I am enclosing the text of the advertisement (Annexure-'A') in connection with **"invitation of applications with DVD/Pen drive for 31st State Film Award – 2019 and 8th State Tele Award-2019"** which may please be published in three widely circulated news papers (Odia Dailies) for three days i.e. from 21.01.2021 and scrolling advertisement (Annexure-'B') be telecast in all leading Odia TV news channels in prime time slot for three days i.e. from 21.01.2021.

You are therefore requested to take necessary steps to publish/telecast the advertisement both in newspapers and TV news channels free of cost as it is to be issued in public interest.

Yours faithfully,

***Sd/- R.K. Das***

Director & Addl. Secy. to Govt.

Memo No.- 369 /OLLCD, Dated -20.01.2021

Copy forwarded to the P.S. to Hon'ble Minister, Tourism, Odia Language, Literature & Culture Department, Odisha, Bhubaneswar for kind information of the Hon'ble Minister.

Deputy Director

Memo No.- 370 /OLLCD, Dated -20.01.2021

Copy forwarded to the Sr. P.S. to Principal Secretary to Govt., Odia Language, Literature & Culture Department, Odisha, Bhubaneswar for kind information of Principal Secretary.

Deputy Director

Memo No.- 371 /OLLCD, Dated -20.01.2021

Copy forwarded to M/s Luminous Infoways, Jayadev Vihar, Bhubaneswar to upload the matters in the website of Odia Language, Literature & Culture Department, (www.orissaculture.gov.in) for information of general public.

Deputy Director

Memo No.- 372 /OLLCD, Dated -20.01.2021

Copy forwarded to the Secretary, Odisha Sangeet Natak Akademi, Bhubaneswar for information & necessary action.

Deputy Director